## ସଂକ୍ଷେପରେ

■ରଣ ଠକେଇ ଅଭିଯୋଗ

### ସେବା ସମବାୟ ସମିତି ସମ୍ପାଦକ ଗିରଫ

କଣିହାଁ,୨୯।୧୨(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ରଣ ଠକେଇ ଅଭିଯୋଗରେ ରବିବାର କାକୁଡ଼ିଆ ସେବା ସମବାୟ ସମିତି ସମ୍ପାଦକ ଗଣେଶ୍ୱର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଡେରେଙ୍ଗ, ବଡ଼ଗୁଣ୍ଡୁରୀ ଓ କାକୁଡ଼ିଆ ପଞ୍ଚାୟତକୁ ନେଇ ସେବା ସମବାୟ ସମିତି ରହିଛି। ଏହାର ଶାଖା କାର୍ଯ୍ୟାଳୟ କାକୁଡ଼ିଆ ପଞ୍ଚାୟତ ଅଫିସ ପାର୍ଶ୍ୱରେ ଥିବାବେଳେ ସମ୍ପାଦକ କୃଷିରଣ ଛାଡ, ନୂତନ ରଣ ପ୍ରଦାନ ନାମରେ ଅନେକ ଉପଭୋକ୍ତାଙ୍କ ଜମାଖାତା ନିଜ ପାଖରେ ରଖି ସଞ୍ଚୟ ଓ ଲାଭବାନକୁ ନେଇ ନିରୀହ ଚାଷୀଙ୍କଠାରୁ ସରକାରୀ ଯୋଜନାର ଅର୍ଥ ଲୁଟ୍ କରିଥିଲେ। ଏ ନେଇ କଣିହାଁ ଥାନାରେ ଛାୟା ପ୍ରଧାନଙ୍କ ଅଭିଯୋଗ କରିବା ପରେ ନଂ. ୨୫୧/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି, ତଦନ୍ତକୁ ନେଇ କାକୁଡ଼ିଆ ଗ୍ରାମର ଅନେକ ଉପଭୋକ୍ତାଙ୍କ ସହିତ ଅନ୍ୟ ପଞ୍ଚାୟତ ଅଞ୍ଚଳ ଚାଷୀ ରଣ ଅର୍ଥ କାରବାରକୁ ନେଇ ଠକେଇରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଭିଯୁକ୍ତ ସମ୍ପାଦକ ଗିରଫ ହୋଇଛନ୍ତି। ଅଧିକ ତଦନ୍ତ ଜାରି ରହିଛି। ସମ୍ପାଦକଙ୍କ ସହିତ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କ କାରନାମା ପଦାକୁ ଆଣିବାକୁ ହେଲେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ମଦ ଜବତ, ୨ ଗିରଫ

ବଇଣ୍ଡା,୨୯।୧୨(ଡି.ଏନ.ଏ.)- ହଣ୍ଡପା ପୋଲିସ ଶନିବାର ସନ୍ଧ୍ୟାରେ ବଇଣ୍ଡା ଫାଣ୍ଡି ନିକଟରୁ ୧୦ ବୋତଲ ଚୋରା ବିଦେଶୀ ମଦ ଜବତ କରିବା ସହ ଆନନ୍ଦମୁଣ୍ଡା ଗ୍ରାମର ରୁଦ୍ରମୋହନ ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୨୨୭/୧୯ରେ ଏକ ମାମଲା ରୁଜୁ କରି ରୁଦ୍ରମୋହନଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ରୁଦ୍ରମୋହନ ଚୋରା ମଦ ବିକ୍ରି କରିବା ପାଇଁ ନେଉଥିବାବେଳେ ଖବରପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିପରି ରବିବାର ସନ୍ଧ୍ୟାରେ ନୂଆ ଅଶ୍ୱବାହଳ ଗ୍ରାମରେ ପୋଲିସ ଚଢାଉ କରି ଦିଗାମ୍ବର ମାଝିଙ୍କ ଘରୁ ୬୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହିତ ତାଙ୍କୁ ଗିରଫ କରିଛି।

### ନିଆଁଲାଗି ଜଳିଗଲା ଧାନଗଦା

ବିଶୋଇ,୨୯।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ପଞ୍ଚାୟତର ସ୍ଥାନୀୟ ମାଣିଚ ଗ୍ରାମରେ ରବିବାର ଅପରାହ୍ନରେ ଶମ୍ଭୁନାଥ ବିନ୍ଧାଣିଙ୍କ ଧାନ ଗଦାରେ ନିଆଁ ଲାଗି ପ୍ରାୟ ୩ ଏକର ବିଶିଷ୍ଟ ଜମିର ଧାନ ନଷ୍ଟ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଖବରପାଇ ସ୍ଥାନୀୟ ଦମକଳ ବାହିନୀ ଅଧିକାରୀ କାହ୍ନୁଚରଣ କିସ୍କୁଙ୍କ ନେତୃତ୍ୱରେ ମୁଖ୍ୟଅଗ୍ନିକ ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲୁହାକାନି ପଞ୍ଚାୟତ ସମିତି ସଦସ୍ୟା ସୁନିତା ଲତା ମାଝି ସେଠାରେ ପହଞ୍ଚି ପ୍ରଶାସନ ପାଖରେ ଯଥାଶୀଘ୍ର କ୍ଷତିପୂରଣ ଦେବାକୁ ସେ ଅନୁରୋଧ କରିବେ ବୋଲି କହିଛନ୍ତି।

■ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

# ବର୍ଷକରେ ଗଲାଣି ୬ ଜୀବନ

ବଅଁରପାଳ, ୨୯।୧୨ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ବଳରାମପ୍ରସାଦ ବଡ଼ତଇଳା ସାହିରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ଷକ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ୧୦ରୁ ଊର୍ଦ୍ଧ୍ୱ ଏହି ରୋଗରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ନ ଥିବା ଜଣାପଡ଼ିଛି।

ନାଲ୍‌କୋ ପାଉଁଶ ପୋଖରୀ ନିକଟରେ ରହିଛି ଏହି ସାହି। ଏଠାରେ ପ୍ରାୟ ୬ ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ସାହିରେ ପିଇବା ପାଣି ସମସ୍ୟା ସହ ଅନେକ ସମୟରେ ନଳକୂପରୁ ନାଳି ପାଣି ବାହାରୁଥିବା ସାହିବାସୀ ପ୍ରକାଶ କରିଛନ୍ତି। ସେହିପରି ଖୋଲା କୂଅରେ ଧୂଳିଧୂଆଁ ଓ ପାଉଁଶ ପଡୁଥିବା ଯୋଗୁ ଏହି ପାଣିକୁ ପାନୀୟ ଜଳ ଭାବେ ଲୋକମାନେ ବ୍ୟବହାର କରିବାକୁ ଭୟ କରୁଛନ୍ତି। ତେବେ ପିଇବା ପାଣି ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ସାହିରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ରୋଗରେ ବୀର ସାହୁ, ତାଙ୍କ ପୁଅ ସୁର ସାହୁ, ରମ୍ଭା ସାହୁ, ପତ୍ନୀ ସାହୁ ଓ ପଦ୍ମା ସାହୁଙ୍କ ମୃତ୍ୟୁ ହୋଇଥିବାବେଳେ ୧୪ ଦିନ ପୂର୍ବରୁ ଜିତେନ୍ଦ୍ର ବେହେରାଙ୍କ ଏହି ରୋଗରେ ମୃତ୍ୟୁ ହୋଇଛି। ସେହିପରି ଦୁର୍ଲ୍ଲଭ ସାହୁ, ଟୁନି ସାହୁ, ଗୋପୀ ସାହୁଙ୍କ ସମେତ ୧୦ରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ବି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଗାଁରେ ପହଞ୍ଚି ନ ଥିବା ସାହିବାସୀ ପ୍ରକାଶ କରିଛନ୍ତି। ଏ ନେଇ ଲୋକେ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ସ୍ଥାୟୀ ସମାଧାନ କରାଯାଇ ନ ଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଆକ୍ରାନ୍ତଙ୍କ ସମ୍ପର୍କରେ କୌଣସି ଖବର ସ୍ୱାସ୍ଥ୍ୟ ବିଭାଗ ପାଖରେ ନ ଥିବା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାହିର ସଂସାର ସାହୁ କୁହନ୍ତି, ଦୀର୍ଘ ଦିନ ହେଲା ୧୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ରହିଛନ୍ତି। ବର୍ଷକ ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାହାରି ଦେଖା ମିଳୁନାହିଁ। ୨୭ ନମ୍ବର ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ କହିଛନ୍ତି, ପ୍ରକୃତ ପକ୍ଷରେ ସାହିରେ ଲୋକମାନେ ଦୂଷିତ ପାଣି ବ୍ୟବହାର କରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।


ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ


କିଡ୍‌ନୀ ରୋଗୀ ସଂସାର ସାହୁ

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ପରଜଙ୍ଗ,୨୯।୧୨(ଡି.ଏନ.ଏ.)

ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ ନଂ. ଜାତୀୟ ରାଜପଥର ଦଦରାଘାଟି ଡ୍ୟାମ୍‌ଠାରୁ ଅଳ୍ପ ଦୂରରେ ରବିବାର ସନ୍ଧ୍ୟାରେ ଏକ କାର୍ ଧକ୍କାରେ କୁଲେଇ ଗ୍ରାମର ଚଗଲା ରଣା (୨୧)ଙ୍କ ମୃତ୍ୟୁ ହୋଇଛି। ଚଗଲା ନିଜ ବାଇକ୍ (ନଂ.ଓଡି୦୨ବିସି-୧୬୯୧) ଯୋଗେ ଦଦରା ଘାଟି ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଚଗଲା ରାଜପଥ ସୁରକ୍ଷା ବାଡ଼ରେ ପିଟି ହୋଇ ପ୍ରାଣ ହରାଇଥିଲେ। ଦୁର୍ଘଟଣାପରେ କାରଟି ପିଟିରି ଛକ ଅଭିମୁଖେ ପଳାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ୧୪୯ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଦଦରା ଘାଟି ଫାଣ୍ଡି ଅଧିକାରୀ ସମରଜିତ୍ ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ
ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ
ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ରାସ୍ତା କାମ ନିମ୍ନମାନର ଅଭିଯୋଗ

ଚିତ୍ରଡ଼ା, ୨୯।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗୋଡ଼ିଗାଁ ପଞ୍ଚାୟତରେ କଂକ୍ରିଟ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ୱାର୍ଡସଭ୍ୟ ଫୋଟ ସୋରେନଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୋଧା ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ଅଟକଳରେ କରାଯାଉଥିବା କଂକ୍ରିଟ ରାସ୍ତାର ଉପଯୁକ୍ତ ତଦାରଖ କରାଯାଉନାହିଁ। ବ୍ୟବହୃତ ସାମଗ୍ରୀର ଭାଗମାପ ଠିକ୍ ରହୁ ନ ଥିବା, ରାସ୍ତାର ଓସାର କମ୍ ରହୁଥିବା ଏବଂ ଢଳେଇ ପୂର୍ବରୁ ତଳେ ବାଲି ଦିଆଯାଉ ନ ଥିବା ଭଳି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଲୋଧା ଉନ୍ନୟନ ସଂସ୍ଥାର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ସେ ନିଜେ ନିରୀକ୍ଷଣ ପାଇଁ ଯିବେ ବୋଲି କହିଛନ୍ତି।

■ସୁବାସ ମେମୋରିଆଲ କ୍ରିକେଟ

# ଏସିସି ଅନୁଗୋଳ ସେମିରେ


ମ୍ୟାନ ଅଫ୍ ଦି ମ୍ୟାଚ ରବିନ ସ୍ୱାଇଁଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଅଫିସ,୨୯।୧୨

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡାସ୍ଥିତ ମା' ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ହେଉଥିବା ୧୦ମ ସୁବାସ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ରବିବାର କ୍ୱାର୍ଟର ଫାଇନାଲ ମ୍ୟାଚରେ ଏସିସି ଅନୁଗୋଳ ୭ ଉଇକେଟ୍‌ରେ ନାଲ୍‌କୋ ଏନ୍‌ଆର୍‌ସିଏକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ନାଲ୍‌କୋ ଏନ୍‌ଆର୍‌ସିଏ ୧୯୩ ରନ କରିଥିଲା। ଦଳ ପକ୍ଷରୁ ଅନିଲ ୪୨ ରନ ସଂଗ୍ରହ କରିଥିଲେ। ଜବାବରେ ଏସିସି ଅନୁଗୋଳ ୧୯୪ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରବିନ ସ୍ୱାଇଁ ୧୦୨ ରନ କରିଥିଲେ। ସଞ୍ଜୟ ସାମଲ ଓ ବିମଳ ରାଉତ ଖେଳ ପରିଚାଳନା କରିଥିଲେ। ବିଜୟୀ ଏସିସି ଅନୁଗୋଳର ରବିନ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ। ବିଜନ ମିଶ୍ର ଧାରା ବିବରଣୀ ଦେଇଥିଲେ। ମିହିର ରାଉତ, ବୀରେନ୍ଦ୍ର ସାମଲ ଓ ବିଶ୍ୱଜିତ ସାମଲ ସ୍କୋରରେ ଥିଲେ। ସୋମବାର ପ୍ରଥମ ସେମିଫାଇନାଲ ସୋଲାର କଟକ ଓ ଏସିସି ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହେବ।

### ବଡ଼ସାହିରେ କଂଗ୍ରେସର ପ୍ରତିଷ୍ଠା ଦିବସ

ବଡ଼ସାହି,୨୯।୧୨(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଶନିବାର ଜାତୀୟ କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଦଳର ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତି ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳ, ବିରଞ୍ଚି ନାରାୟଣ ମହାପାତ୍ର, ହାଡ଼ିବନ୍ଧୁ ମହାପାତ୍ର, ଶଶାଙ୍କ ଶେଖର କର, ଆନନ୍ଦ ଶଙ୍କର ପାତ୍ର, ଶ୍ରୀଧର ବାରିକ ଓ ପ୍ରୀତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟପରୀକ୍ଷା, ଔଷଧ ବିତରଣ

ତାଳଚେର,୨୯।୧୨(ନି.ପ୍ର.)

ତାଳଚେର ବ୍ଲକ ଦେଉଳବେଡା କ୍ଲବଠାରେ ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚେରର ଶିକ୍ଷକ ତଥା ସର୍ବାଧିକ ରକ୍ତଦାତା ଶାନ୍ତନୁ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭେଷଜ ବିଶେଷଜ୍ଞ ଏସ୍‌ସିବି ମେଡିକାଲ କଲେଜ କଟକର ଡାକ୍ତର ପି.କେ. ଜେନା, ଏଏମ୍‌ଓ ଦେଉଳବେଡା ହସ୍ପିଟାଲ ଡାକ୍ତର ସର୍ବେଶ୍ୱର ପ୍ରଧାନ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମାନସୀ ଦାସ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ବରିଷ୍ଠ କିରାଣି ଜୀବନ କୁମାର ସାହୁ ରୋଗୀମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସୁନୀଲ କୁମାର ସାହୁ ରକ୍ତ ପରୀକ୍ଷା କରି ମଧୁମେୟ ରୋଗୀଙ୍କୁ ଚିହ୍ନଟ କରିଥିଲେ। ଅର୍ଜୁନ କୁମାର ପଣ୍ଡା, ଗୌତମ ବେହେରା, ସମୀର କୁମାର ଖଟୁଆ ପ୍ରମୁଖ ସହଯୋଗ କରିଥିଲେ। ଆଶାକିରଣ ମହିଳା ମଣ୍ଡଳର ସମ୍ପାଦିକା ରଶ୍ମିତା ଦେହୁରୀ, କସ୍ତୁରୀ ସାଲଙ୍କେ, ମମତା ପ୍ରଧାନ, ଶିଳା ପ୍ରଧାନ, କଲ୍ୟାଣୀ ଖିଲାମ୍ବି, ରମା ତୀର୍ଥ ମଲାଇ, ରଶ୍ମି ଦଳେଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ ଦେଉଳବେଡାର ସଭାପତି ଆଇନଜୀବୀ ସୌମେନ୍ଦ୍ର ପ୍ରଧାନ, ନବୀନ ନାହାକ, ଅଶ୍ୱିନୀ ସାହୁ, ଜଗଦିଶ୍ୱର ସାହୁ, ସାରଙ୍ଗଧର ସାହୁ, ଦୀପକ ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଶିବିରରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ପାତ୍ରପଡ଼ା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କଲେ ବିଧାୟକ

ଛେଣ୍ଡିପଦା,୨୯।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ରବିବାର ଛେଣ୍ଡିପଦା ବ୍ଲକ ପାତ୍ରପଡାସ୍ଥିତ ମା' ବାଟବାୟାଣୀ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ପ୍ରଥମେ ବିଧାୟକ ମା' ବାଟବୟାଣୀଙ୍କ ଦର୍ଶନ କରିଥିଲେ। ପରେ ମନ୍ଦିର ପାଖରେ ଥିବା ବହୁପୁରାତନ ବାଗଦରୀ ମଠ, ଜଗନ୍ନାଥ ମନ୍ଦିର, ବିଦ୍ୟୁତ୍ ବ୍ୟବସ୍ଥା, ଫୁଲବଗିଚା ବୁଲି ଦେଖିଥିଲେ। ଏହାପରେ ଜିଲା ତଥା ଜିଲାବାହାରୁ ଆସିଥିବା ପର୍ଯ୍ୟଟକ ଓ ବଣଭୋଜି ପାଇଁ ଆସିଥିବା ଜନସାଧାରଣଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ମନ୍ଦିର କମିଟି ସହ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ଚୈତନ୍ୟ ସାହୁ, ଉପସଭାପତି ବାଳକୃଷ୍ଣ ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ଲୋକନାଥ ସାହୁ, ସରପଞ୍ଚ ଯୋଗେଶ୍ୱର ସାହୁ, ପ୍ରକାଶ ସାହୁ, ବାସୁଦେବ ସାହୁ, ବାନାମ୍ବର ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ପାନୀୟ ଜଳ, ଶୌଚାଳୟ ଓ ପୀଠସ୍ଥଳକୁ ଆଲୋକୀକରଣ କରିବା ପାଇଁ ଦାବି କରିଥିଲେ। ଏ ନେଇ ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଖୁବ୍‌ଶୀଘ୍ର ବାୟାଣୀ ପୀଠରେ ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।



■ଢେଙ୍କାନାଳ ଡାକମଣ୍ଡଳର ୪୮ତମ ପ୍ରତିଷ୍ଠା ଦିବସ

# 'ଆନ୍ତରିକତାର ସହ ସେବା ପ୍ରଦାନ କର'

ଢେଙ୍କାନାଳ ଅଫିସ,୨୯।୧୨

ଢେଙ୍କାନାଳ ଓ ଅନୁଗୋଳ ଜିଲାକୁ ନେଇ ଗଠିତ ଢେଙ୍କାନାଳ ଡାକମଣ୍ଡଳର ୪୮ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମହା ଡାକପାଳ ଲଳିତେନ୍ଦୁ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆନ୍ତରିକତାର ସହ ଉତ୍ତମ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ଭୂମେଶଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଡାକବିଭାଗ ଉପରେ ଅତୁଟ ରହିଛି ବୋଲି କହିବା ସହିତ ଡାକ ବିଭାଗ ଯୁଗପୋଯୋଗୀ ଓ ଆଧୁନିକ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳ ଡାକମଣ୍ଡଳ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଗତବର୍ଷଠାରୁ ସେବା ନିବୃତ୍ତ ହୋଇଥିବା ଡାକ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗରେ ଉତ୍ତମସେବା ପ୍ରଦାନ କରିଥିବା ଡାକ କର୍ମଚାରୀ ଓ ଡାକ ଜୀବନବୀମା ଏଜେଣ୍ଟ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦୀପ୍ତିରଞ୍ଜନ ସାମନ୍ତଙ୍କ ନିର୍ଦ୍ଦେଶନାରେ ଡାକ କର୍ମଚାରୀମାନଙ୍କ ଦ୍ୱାରା ନାଟକ ଅମର ଯବାନ ମଞ୍ଚସ୍ଥ ହୋଇଥିଲା। ସହାୟକ ଅଧୀକ୍ଷକ ସଞ୍ଜିତ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଗୋଳ ମୁଖ୍ୟ ଡାକଘର କର୍ମଚାରୀ ସରୋଜ କୁମାର ମହାପାତ୍ର ସଞ୍ଚାଳନ କରିଥିଲେ।



ଢେଙ୍କାନାଳ ଡାକମଣ୍ଡଳର ୪୮ତମ ପ୍ରତିଷ୍ଠା ଦିବସକୁ ଉଦ୍‌ଘାଟନ କରାଯାଉଛି।

■ମୟୂର ସଙ୍ଗୀତ ବିଦ୍ୟାଳୟର ୧୯ ତମ ବାର୍ଷିକ ଉତ୍ସବ

# କଳା ସଂସ୍କୃତି ସମୃଦ୍ଧ ହେଲେ ଉତ୍ତମ ରାଷ୍ଟ୍ର ସମ୍ଭବ

ଢେଙ୍କାନାଳ ଅଫିସ,୨୯।୧୨

ଢେଙ୍କାନାଳ ମୟୂର ସଙ୍ଗୀତ ବିଦ୍ୟାଳୟର ୧୯ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ କଳା ସଂସ୍କୃତି ସମୃଦ୍ଧ ହେଲେ ଉତ୍ତମ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ଓ ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ପରିଚାଳିକା ଦୀପ୍ତି ମିଶ୍ର ଯୋଗଦେଇ ନୃତ୍ୟ ଛନ୍ଦକୁ ବଜାୟ ରଖି ଜୀବନକୁ ନୂତନ ଶୈଳୀରେ ଗଠନ କରିବାର ପ୍ରେରଣା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ମାୟାଧର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୁମୁଦ କୁମାରଙ୍କୁ ମୟୂର ସଙ୍ଗୀତ କଳା ସମ୍ମାନ, ରାଜେନ୍ଦ୍ର ପତିଙ୍କୁ ନାଟ୍ୟ ସମ୍ମାନ, କାବେରୀ ପ୍ରିୟଦର୍ଶନୀଙ୍କୁ ନୃତ୍ୟ ସମ୍ମାନ ଓ ସମ୍ବଲପୁରର ଉତ୍କଳ ଆଦିବାସୀ ଡ୍ୟାନ୍ସ ଗ୍ରୁପ୍ ମୁଖ୍ୟ ରବିରାଜ ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁକାନ୍ତି ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ୨୭ ତାରିଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜାତୀୟ ରାଜପଥ ପ୍ରାଧୀକରଣ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଜମେଶ୍ୱର ପୃଷ୍ଟି ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବନମାଳୀ ମଲିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜକିଶୋର ମହାରଣାଙ୍କୁ ମୟୂର ଚିତ୍ରକଳା ସମ୍ମାନ, ଅନିରୁଦ୍ଧ ମହାନ୍ତିଙ୍କୁ ଲୋକକଳା ସମ୍ମାନ, ସୁଶାନ୍ତ କୁମାର ପଟ୍ଟନାୟକଙ୍କୁ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟକଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ଅଭୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ମୟୂର ସଙ୍ଗୀତ ବିଦ୍ୟାଳୟର ୧୯ତମ ବାର୍ଷିକ ଉତ୍ସବ ଅବସରରେ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### କୁଲଡ଼ିହାରେ ମାଈହାତୀର ମୃତଦେହ ଠାବ

ସଜନାଗଡ଼, ୨୯।୧୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ରବିବାର ସକାଳେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ହାତୀଟି ୩/୪ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଅଭୟାରଣ୍ୟରେ ପ୍ରତିଦିନ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ହାତୀର ମୃତ୍ୟୁ ସମ୍ପର୍କରେ କିପରି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୁଲଡ଼ିହା ବିଟ୍ ଅଧୀନ ଗୋହିରାଡ଼ାହି ଅଞ୍ଚଳରେ ବନ କର୍ମଚାରୀମାନେ ମାଈହାତୀର ମୃତଦେହ ପଡ଼ିଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଡିଏଫ୍ଓ ବିଶ୍ୱରାଜ ପଣ୍ଡା, କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ର, କୁଲଡ଼ିହା ଫରେଷ୍ଟର ନରେଶ ସିଂଙ୍କ ସମେତ ପ୍ରାଣୀ ଡାକ୍ତର ପୁଥାଲ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ମାଈହାତୀର ବୟସ ୫ବର୍ଷ। ଏକ ଦନ୍ତା ହାତୀ ସହ ଲଢ଼େଇ କରି ସେ ପ୍ରାଣ ହରାଇଥିବା ଡିଏଫ୍ଓ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ମୃତ ହାତୀକୁ ପୋତି ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।

■ସିଏସ୍ଆର୍ ଷ୍ଟେକ୍ ହୋଲ୍ଡର ସମ୍ମିଳନୀ

# କାର୍ଯ୍ୟ ସମ୍ପର୍କରେ ଅବଗତ ହେଲେ ଅଂଶୀଦାର



ସମ୍ମିଳନୀରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି ଓ ଗ୍ରାମବାସୀ।

ତାଳଚେର,୨୯।୧୨(ନି.ପ୍ର.)

ଏନ୍‌ଟିପିସି କଣିହାଁସ୍ଥିତ ରିଜିଓନାଲ ଲର୍ନିଂ ଇନ୍‌ଷ୍ଟିଚ୍ୟୁଟ୍ ଠାରେ ଏନ୍‌ଟିପିସିର ବାର୍ଷିକ ସିଏସ୍ଆର୍ ଷ୍ଟେକ୍ ହୋଲ୍ଡର (ଅଂଶୀଦାର) ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳର ବିଭିନ୍ନ ସରପଞ୍ଚ, ଗ୍ରାମ୍ୟ ସଭାପତି ଏବଂ ସମ୍ପାଦକମାନେ ଯୋଗ ଦେଇଥିଲେ। ଆଖପାଖ ଗ୍ରାମାଞ୍ଚଳର ଲୋକମାନଙ୍କ ମୌଳିକ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇ ସିଏସ୍ଆର୍ କାର୍ଯ୍ୟଗୁଡ଼ିକୁ ମୂଲ୍ୟାଙ୍କନ କରି ତଦ୍‌ଅନୁସାରେ ଏନ୍‌ଟିପିସି କଣିହାଁ ନିକଟସ୍ଥ ଗ୍ରାମଗୁଡ଼ିକରେ ସିଏସ୍ଆର୍ କାର୍ଯ୍ୟ ପରିଚାଳନା କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ଷ୍ଟେକ୍ ହୋଲ୍ଡରମାନେ ପୂର୍ବରୁ କରାଯାଇଥିବା ସିଏସ୍ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ସିଜିଏମ୍ ସୁଦୀପ ନାଗ ଯୋଗଦେଇ ଅଂଶୀଦାରମାନଙ୍କ ପ୍ରତିକ୍ରିୟାକୁ ଧ୍ୟାନର ସହ ଶୁଣିଥିଲେ। ଏହାପରେ ଚଳିତ ଆର୍ଥିକ ବର୍ଷରେ ପ୍ରକଳ୍ପ ପକ୍ଷରୁ କରାଯାଇଥିବା ପ୍ରମୁଖ ସିଏସ୍ଆର୍ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମ୍ମିଳନୀକୁ ସଫଳ କରାଇଥିବାରୁ ସେ ସମସ୍ତ ପ୍ରତିଭାଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ପ୍ରକାଶିତ ସିଏସ୍ଆର୍ କ୍ୟାଲେଣ୍ଡରକୁ ଅତିଥିଗଣ ଉନ୍ମୋଚିତ କରିଥିଲେ। ପ୍ରକଳ୍ପର ଏଜିଏମ୍ (ଏଚଆର) କେ.ଏସ୍. ଶର୍ମା, ଡିଜିଏମ୍(ଏଚଆର) ଜାକିର ଖାନ୍, ସିନିୟର ମ୍ୟାନେଜର (ଏଚଆର) ଏ.କେ. ଦାସ, ଜିଏମ୍(ଓ ଆଣ୍ଡ ଏମ୍) ଏନ୍.ଏସ.ରାଓ, ଜିଏମ୍ (ଏସ୍ଏସ୍‌ସିସି ଆଣ୍ଡ ଏମ୍) ନବୀନ ବାଗାଇ, ଏଜିଏମ୍(ଆର୍ଏଲ୍ଆଇ) ପିଏମ୍‌ଜିଭି ଶ୍ରୀନିବାସ, ଏଜିଏମ୍(ଅପରେଶନ) ଏଲ.ଆର. ମହାନ୍ତି, କର୍ମଚାରୀ ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଅସହାୟ, ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ




ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ ତାଳଚେର ଶାଖା ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି।

ତାଳଚେର,୨୯।୧୨(ନି.ପ୍ର.)

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ ତାଳଚେର ଶାଖା ପକ୍ଷରୁ ରବିବାର ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକର ବିଭିନ୍ନ ଗ୍ରାମର ଅସହାୟ, ବୃଦ୍ଧା, ବୃଦ୍ଧ ମାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ସଭାପତି ରାକେଶ ଗୁପ୍ତା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ହିତେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆଜି ଭେଜିଆ, କତ୍ରମୁଣ୍ଡା, ଘାଗରମୁଣ୍ଡା, ସିନ୍ଦୂରମୁଣ୍ଡି, ମଝିକା ଗ୍ରାମରେ କମ୍ବଳ ବଣ୍ଟନ କରାଯାଇଥିଲା। ଜେସିଆଇ ଅନୁଗୋଳର ପୂର୍ବତନ ସଭାପତି ଆଶିଷ ଅଗ୍ରୱାଲ ଏହି ଜନମଙ୍ଗଳ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ମନିଷ ଅଗ୍ରୱାଲ, ସମ୍ପାଦକ ଦୀପ୍ତିରଞ୍ଜନ ବିଶ୍ୱାଳ ଓ ସମସ୍ତ ସଦସ୍ୟ, ଗତରେଇ ଗ୍ରାମର ହୃଷୀକେଶ ବିଶ୍ୱାଳ, ସବିତା ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

■ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍

# ଫାଇନାଲରେ ଭୁବନେଶ୍ୱର ଦଳ

ଭୁବନ,୨୯।୧୨ (ଡି.ଏନ୍.ଏ.)

୨୮ତମ ଦେବେନ୍ଦ୍ର ମେମୋରିଆଲ କ୍ରିକେଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଆୟୋଜକ ଭୁବନ ଓ ଭୁବନେଶ୍ୱର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନକୁ ହରାଇ ଭୁବନେଶ୍ୱର ଦଳ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭୁବନ ୧୪୮ ରନ ସଂଗ୍ରହ କରିଥିଲା। ଦଳର ମାନସ ନାୟକ ୪୭ ରନ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱର ୧୫୧ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ସୁରଜ ମହାପାତ୍ର ୭୪ ରନ ସଂଗ୍ରହ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଅସିତ ପଟ୍ଟନାୟକ ଓ ପ୍ରଜିତ କିଶୋର ସାହୁ ଖେଳ ପରିଚାଳନା କରିଥିଲେ। ସଞ୍ଜୀବ କୁମାର ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଓ ରାୟପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି। ଡେପୁଟି ମ୍ୟାନେଜର ମାଇନିଂ ଦୀନେଶ ଅଗ୍ରୱାଲ ଓ ରବି ନାରାୟଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।




ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ବିଦ୍ୟାଳୟ ପାଠାଗାରକୁ ପୁସ୍ତକ ପ୍ରଦାନ

ବନ୍ତଲା, ୨୯।୧୨ (ଡି.ଏନ୍.ଏ.)

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନଙ୍କ ଦ୍ୱାରା ବିଦ୍ୟାଳୟ ପାଠାଗାରକୁ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା। ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ପରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଥିଲା। ପ୍ରିନ୍ସିପାଲ ବିଭୂତି ରଞ୍ଜନ ମିଶ୍ର ଏହାକୁ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ।

# ୧୧୧ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ପରଜଙ୍ଗ,୨୯।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆମ୍ବପଳାଶ ୟୁପି ସ୍କୁଲଠାରେ ଯୁବଶକ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ଥାନୀୟ ଜୟ ଜଗନ୍ନାଥ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବଶକ୍ତି ଅଧ୍ୟକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ଯୋଗଦେଇ ରକ୍ତ ଅଭାବରୁ କାହାରିକୁ ମରିବା ପାଇଁ ଦେବା ନାହିଁ ବୋଲି ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦର ପୂର୍ବତନ ସଭ୍ୟ ନିରାକାର ପ୍ରଧାନ ଯୋଗ ଦେଇଥିଲେ। ସାମାଜିକ କର୍ମୀ ବଳରାମ ପତି, ଆଦର୍ଶ ଶିକ୍ଷକ ଶାନ୍ତନୁ କୁମାର ସାହୁ, ସରପଞ୍ଚ ଉର୍ମିଳା ମହାପାତ୍ର, ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ମଧୁସୂଦନ ସାହୁ, ଗଗନ ବିହାରୀ ମିଶ୍ର, ଶକ୍ତିଧର ତ୍ରିପାଠୀ, ଭୋଗଲ ସେନାପତି, ଗଙ୍ଗାଧର ସାହୁ, ସୁମନ୍ତ ଜେନା, ମୀନକେତନ ସାହୁ, ନିଗମାନନ୍ଦ ଦଳବେହେରା, ସୁବଳ ରାଉତ, ଲକ୍ଷ୍ମୀଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତି ସଭ୍ୟ ନଗେନ କୁମାର ସାହୁ, ଜ୍ଞାନ ରଞ୍ଜନ ସାହୁ, ଡିଲେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆମ୍ବପଳାଶ ଗ୍ରାମ ସଭାପତି ନିରଞ୍ଜନ ସାହୁ, ପପୁ ସାହୁ, ପିଣ୍ଟୁ ସାହୁ, ଶିପୁ ସାହୁ, ପପୁ ଦେହୁରୀ, ଲିପୁ ବେହେରା, ପିଙ୍କୁନ ସାହୁ, ଅମିତ ମହାପାତ୍ର, ରତିକାନ୍ତ ମହାପାତ୍ର, ଶୁଭେନ୍ଦୁ ଭୋଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୨ ବେପାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ ଲୋକେ

ବାହାନଗା, ୨୯।୧୨ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ ଚାଲାଣ ବଢ଼ିବାରେ ଲାଗିଛି। ବ୍ଲକ ଅଧୀନ ଅଭଣା ପଞ୍ଚାୟତ ନଈଆଡି ପାଖରେ ଚୋରାରେ ଏକ ବାଇକରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଦୁର୍ଘଟଣା ଘଟି ଜଣେ ରିକ୍ସା ଚାଳକ ଗୁରୁତର ହୋଇଛନ୍ତି। ଫଳରେ ନିକଟସ୍ଥ ଗ୍ରାମର ଲୋକେ ମଦ ଚାଲାଣ କରୁଥିବା ୨ଜଣ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିଛନ୍ତି। ତେବେ ଚୋରା ମଦ ବେପାରୀଙ୍କ ବ୍ୟବହୃତ ବାଇକକୁ ଅଟକ ରଖାଯାଇଛି। ଆହତ ରିକ୍ସା ଚାଳକଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ପୁରୁଣା ବାଲେଶ୍ୱରରୁ ଏକ ନମ୍ବର ବିହୀନ ବାଇକ୍‌ରେ ଶିବାନନ୍ଦ ପାତ୍ର, ସପନ କୁମାର ମାଝି ୫ଶହରୁ ଊର୍ଦ୍ଧ୍ୱ ଦେଶୀ ମଦ ଚୋରାଚାଲାଣ କରୁଥିବାବେଳେ ଅଭଣା ନଈ ଆଡ଼ିରେ ଏକ ରିକ୍ସାକୁ ଧକ୍କା ଦେଇଥିଲେ। ରିକ୍ସା ଚାଳକ ଅଭଣା ପଞ୍ଚାୟତର ଶୁକୁଟା ପତି(୩୦) ଚେତା ହରାଇ ତଳେ ପଡ଼ିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ଶୁକୁଟାଙ୍କୁ ପ୍ରଥମେ ଗୋପାଳପୁର ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ନା ଅବକାରୀ ବିଭାଗ କିମ୍ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଉତ୍ତେଜନା ଦେଖାଦେଇଛି।

■୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

# କଳସଯାତ୍ରାରେ ସାମିଲ ହେଲେ ଶତାଧିକ ମହିଳା

ପାଲଲହଡା,୨୯।୧୨(ଡି.ଏନ.ଏ.)



କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପୁରୁଷମାନେ।

ବିଶ୍ୱଶାନ୍ତି ଏବଂ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନ ଏବଂ ପାଲଲହଡା ଗାୟତ୍ରୀ ପରିବାର ସହଯୋଗରେ ରବିବାରଠାରୁ ପାଲଲହଡା ଷ୍ଟାଡିୟମଠାରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦୮ ଜଣ ମହିଳା ଯୋଗଦେଇ ନଗର ପରିକ୍ରମା କରି ସ୍ଥାନୀୟ ଶିବ ମନ୍ଦିର ଘାଟରୁ ପାଣି ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଗାୟତ୍ରୀ କଥାବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସୋମବାର ୨ୟ ଦିବସରେ ସୂର୍ଯ୍ୟୋଧାନ, ଗାୟତ୍ରୀ ଜପ, ପ୍ରଜ୍ଞାଯୋଗ, ପ୍ରଣାୟାମ ଏବଂ ଯଜ୍ଞ ସଂସ୍କାର କାର୍ଯ୍ୟକ୍ରମ ଥିବାବେଳେ ମଙ୍ଗଳବାର ଗାୟତ୍ରୀ କଥା ଏବଂ ଦୀପ ଯଜ୍ଞର କାର୍ଯ୍ୟକ୍ରମ ରହିଛି। ବୁଧବାର ତଥା ଶେଷ ଦିନରେ ଯଜ୍ଞ ସଂସ୍କାର, ଟୋଲୀ ବିଦାୟୀ ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗାୟତ୍ରୀ ପରିବାର ପାଲଲହଡା ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାରର ଟୋଲୀ ନାୟକ, ପ୍ରଦୀପ କୁମାର ସାହୁ, ସଦସ୍ୟ ପ୍ରଶାନ୍ତ ସେଠ ଉପସ୍ଥିତ ଥିଲେ। ପାଲଲହଡା ଶାଖା ସଭାପତି ନେତ୍ରାନନ୍ଦ ମହାକୁଳ, ସମ୍ପାଦକ ତୁଙ୍ଗଭଦ୍ର ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ପରିଚାଳନା ଦାୟିତ୍ୱରେ ଥିବା ଜଣାପଡିଛି। ଏହି ଅବସରରେ ଏକ ବିଶାଳ ପୁସ୍ତକ ମେଳା ଆୟୋଜନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ୨୦ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।

# ଏନ୍‌ଟିପିସିର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ

କଣିହାଁ,୨୯।୧୨(ଡି.ଏନ.ଏ.)




ଆଲୋଚନା ସଭାରେ ଉପସ୍ଥିତ ନେତୃବର୍ଗ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସିର ଘରୋଇକରଣ ପାଇଁ କେନ୍ଦ୍ର ସରକାର କରିଥିବା ନିଷ୍ପତ୍ତିକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏ ନେଇ ଏକ ଆଲୋଚନା ସଭା ରବିବାର ଗଦାଶିଳା ଗୋଷ୍ଠୀକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଆପେକ୍ସ, ଆଇଏନ୍‌ଟିୟୁସି, ଏଚ୍‌ଏମ୍ଏସ୍, ୟୁନିନାଇଟେଡ ଏମ୍ପ୍ଲୋଇଜ ୟୁନିୟନ ଓ ଏଆଇୟୁଟିୟୁସିର ମିଳିତ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ଆପେକ୍ସ ସାଧାରଣ ସମ୍ପାଦକ ଗୋକୁଳାନନ୍ଦ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏନ୍‌ଟିପିସିର ଘରୋଇକରଣ ବିରୋଧରେ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ପ୍ରସ୍ତାବ ଆଗତ କରିବା ପରେ ଏହାକୁ ଆପେକ୍ସ ସଭାପତି ଅନିଲ କୁମାର, ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ପ୍ରଧାନ, ମଜଦୁର ସଭାର ସାଧାରଣ ସମ୍ପାଦକ ଅରେନ କୁମାର ପାଣି, ସହ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପାଣି, ୟୁନାଇଟେଡ ଏମ୍ପ୍ଲୋଇଜ ୟୁନିୟନ ସଭାପତି ଭିକାରୀ ପ୍ରଧାନ, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ସଭାପତି ଜୟସେନ ମେହେର, ଶିକ୍ଷାବିତ୍ ନଗେନ୍ଦ୍ର ପ୍ରଧାନ, କଣିହାଁ ବଜାର କମିଟି ସଭାପତି ବୁଦ୍ଧଦେବ ସାହୁ, ବିଜିଗୋଳ ସରପଞ୍ଚ ଦୁଃଶାସନ ସାହୁ ଓ ସମିତି ସଭ୍ୟା ବିନତୀ ନାଏକ, ଗଦାଶିଳା ସରପଞ୍ଚ ଜେମାମଣି ନାଏକ, ଗଦାଶିଳା ଗ୍ରାମ ସଭାପତି ବୃନ୍ଦାବନ ପ୍ରଧାନ, ଟୋଲକବେଡ଼ା ଗ୍ରାମ ସଭାପତି ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଟିପିସି ଅଫିସର ପ୍ରଭାତ ରଞ୍ଜନ, ବିରୁପାକ୍ଷ ପ୍ରଧାନ, କର୍ମଚାରୀ ଦୁଃଖିଶ୍ୟାମ ମଲ୍ଲିକ, ସାଧୁଚରଣ ତ୍ରିପାଠୀ, ପ୍ରହ୍ଲାଦ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଗାଁ ବଇଣ୍ଡା, ପେଡ଼ିପଥର ବିଜୟୀ

ବଇଣ୍ଡା,୨୯।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଡ଼ହୁଲା ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗାଁ ବଇଣ୍ଡା ଓ ପେଡିପଥର ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ବଡ଼ହୁଲା ଓ ଗାଁ ବଇଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଡ଼ହୁଲା ବ୍ୟାଟିଂ କରି ୭୭ ରନ କରିଥିଲା। ଜବାବରେ ଗାଁ ବଇଣ୍ଡା ୭୮ ରନ କରି ବିଜୟୀ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ପେଡ଼ିପଥର ଓ ଡଙ୍ଗାଧର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପେଡ଼ିପଥର ବ୍ୟାଟିଂ କରି ୫୬ ରନ କରିଥିଲା। ଜବାବରେ ଡଙ୍ଗାଧର ୫୫ ରନ୍ କରି ପରାସ୍ତ ହୋଇଥିଲା। ତରୁଣ ଦେହୁରି, ଦନେଇ ବେହେରା ପରିଚାଳନା କରିଥିଲେ।

### ପିଆଶାଳ ଗଣ୍ଡି ଜବତ, ୨ ଅଭିଯୁକ୍ତ କୋର୍ଟଚାଲାଣ

ପରଜଙ୍ଗ,୨୯।୧୨(ଡି.ଏନ.ଏ.)- ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଦଦରାଘାଟି ଫରେଷ୍ଟ ସେକ୍ସନ ଅଧୀନ ଚକୁଲିଆଡିହ ଗ୍ରାମରେ ଶନିବାର ବନବିଭାଗ ଚଢ଼ାଉ କରି ୪୦ ଘନ ଫୁଟ ଚୋରା ପିଆଶାଳ ଗଣ୍ଡି ଜବତ କରିଛି। ଏହି ଘଟଣାରେ ଖନ୍ଦା ଗ୍ରାମର ଶିବ ଚାତର ଓ ତ୍ରିପୁର ସିଂଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ବିଶ୍ୱସ୍ତସୂତ୍ରରୁ ଖବରପାଇ ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଦଦରାଘାଟି ଫରେଷ୍ଟର ବିଶନାଥ ସୁରେନ, ହାତୀ ସ୍କ୍ୱାଡ୍ ଚଢ଼ାଉ କରିଥିଲେ।

### କପିଳାସ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

# ଅଭିଜ୍ଞତାର ବନ୍ଧନ କଥା 'ଚରନ୍ ଏ ସୋମୋୟେ'



ବଙ୍ଗଳା ନାଟକ 'ଚରନ୍ ଏ ସୋମୋୟେ'ର ଏକ ଦୃଶ୍ୟ।

ଢେଙ୍କାନାଳ ଅଫିସ,୨୯।୧୨

ଢେଙ୍କାନାଳ କଳାପରିଷଦ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମସ୍ଥିତ ଗଜଲକ୍ଷ୍ମୀ କଳାମଣ୍ଡପଠାରେ ୫ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଜାତୀୟ ବହୁଭାଷୀ କପିଳାସ ନାଟ୍ୟ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଲିକତାର ବିଭବ ନାଟ୍ୟ ଏକାଡେମୀ କଳାକାରମାନଙ୍କ ଦ୍ୱାରା ବଙ୍ଗଳା ନାଟକ 'ଚରନ୍ ଏ ସୋମୋୟେ' ମଞ୍ଚସ୍ଥ ହୋଇଥିଲା। ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରସିଦ୍ଧ କାହାଣୀ ଖୋକା ବାବୁର ପ୍ରତ୍ୟାବର୍ତ୍ତନକୁ ନେଇ ପ୍ରସ୍ତୁତ ନାଟକ 'ଚରନ୍ ଏ ସୋମୋୟେ'ର ରାଜା ବାନାର୍ଜୀ ନିର୍ଦ୍ଦେଶନା ଦେଇଥିଲେ। ନାଟକର କାହାଣୀ ଏହିପରି, ଜଣେ ଅସହାୟ ବୃଦ୍ଧ ରାସ୍ତାରେ ଲୋକମାନଙ୍କ ଦ୍ୱାରା ଉପହାସିତ ହେଉଥିବା ଦେଖି ବାରିଷ୍ଟର ଫାଲୁଚରଣ ମହାପାତ୍ର ତାଙ୍କୁ ଉଦ୍ଧାର କରି ନିଜ ଘରକୁ ନେଇଆସନ୍ତି। ବୃଦ୍ଧ ବ୍ୟକ୍ତି ଜଣକ ତାଙ୍କର ନବଜାତ ସନ୍ତାନର ଲାଳନପାଳନରେ ସହାୟକ ହେବେ ବୋଲି ଫାଲୁଚରଣ ଭାବିଥିଲେ। କାରଣ ଫାଲୁଚରଣଙ୍କ ଭୟଥିଲା, ତାଙ୍କ ଚାକିରିଆ ସ୍ତ୍ରୀ ପ୍ରସୂତିକାଳୀନ ଛୁଟିରେ ଥିବାରୁ କାଳେ ଲାଳନପାଳନ ପାଇଁ ଅଧିକ ସମୟ ଦେଲେ ନିଜ ଚାକିରି ହରାଇବେ। ଅନ୍ୟପଟରେ ଅତ୍ୟଧିକ ବୃଦ୍ଧ ଲୋକଟିକୁ ସ୍ୱାମୀ ଘରକୁ ଆଣିଥିବା ଦେଖି ଫାଲୁଚରଣଙ୍କ ସ୍ତ୍ରୀ ଦୀପିକା ଆତଙ୍କିତ ହୋଇପଡନ୍ତି। ବୃଦ୍ଧ ଜଣକ ତାଙ୍କ ନବଜାତ ଶିଶିଟିକୁ ଠିକ୍ ଭାବେ ଲାଳନପାଳନ କରିପାରିବନି ବୋଲି ଦୀପିକା ଭୟ କରୁଥିଲେ। କିନ୍ତୁ ସମ୍ପୃକ୍ତ ବୃଦ୍ଧ ତାଙ୍କ ଅଭିଜ୍ଞତା ବଳରେ ନବଜାତ ଶିଶୁଟିକୁ ଖୁବ ସୁନ୍ଦର ଭାବରେ ଲାଳନପାଳନ କରିଥିଲେ। ଫଳରେ ଫୁଲୁଚରଣ ଓ ଦୀପିକା ତାଙ୍କୁ ଭଲ ପାଇବାରେ ଲାଗିଲେ। ଦିନେ ବୃଦ୍ଧ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେଲାବେଳେ ଫାଲୁଚରଣ ହଠାତ୍ ଜାଣିବାକୁ ପାଇଲେ ସେହି ବୃଦ୍ଧବ୍ୟକ୍ତି ଜଣକ ତାଙ୍କ ପିତା ପୂର୍ବତନ ଜମିଦାର ରାଇଚରଣ। ବୃଦ୍ଧ ଜଣକ ମଧ୍ୟ ଏକଥା ଜାଣିବା ପରେ ବିସ୍ମିତ ହୋଇପଡନ୍ତି। ଘଟଣା ଜାଣିବା ପରେ ଫାଲୁଚରଣଙ୍କ ସ୍ତ୍ରୀ ଦୀପିକା ରାଇଚରଣଙ୍କୁ ଶ୍ୱଶୁର ଭାବେ ସମ୍ମାନ ଦେଇ ଆପଣେଇ ନିଅନ୍ତି। ଏହାହିଁ ନାଟକ 'ଚରନ୍ ଏ ସୋମୋୟେ'ର କାହାଣୀ। ଏଥିରେ ଅଭିନୟ କରିଥିବା କଳାକାରମାନେ ହେଲେ ରାଜା ବାନାର୍ଜୀ, ସର୍ବାଣୀ ବାନାର୍ଜୀ, ତରକ ଦାସ, ନିର୍ମଳ ମିର୍ଦ୍ଧା, ନାଣ୍ଟୁ ପଲ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସଞ୍ଜୟ ସେନଗୁପ୍ତା। ଆଲୋକ ସଜାଇଥିଲେ ଦେବାଶିଷ ଚକ୍ରବର୍ତ୍ତୀ। ନିର୍ମନ ମିର୍ଦ୍ଧା ମଞ୍ଚସଜ୍ଜା, ବିପ୍ଳବ ମୁଖାର୍ଜୀ ମେକ୍‌ଅପ୍, ଅରୁଣ କୁମାର ଚୌଧୁରୀ ପୋଷାକ ସାଜସଜ୍ଜା କରିଥିଲେ। ପ୍ରାରମ୍ଭରେ ଆୟୋଜିତ ଉଦ୍‌ଯାପନୀ ସଭାରେ

#### ନିତ୍ୟାନନ୍ଦ ଦାସଙ୍କୁ କଳାପରିଷଦ ସମ୍ମାନ

ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧାପକ ଅଟଳ ବିହାରୀ ଦାସ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ନିତ୍ୟାନନ୍ଦ ଦାସଙ୍କୁ ରାଜ୍ୟସ୍ତରୀୟ କଳାପରିଷଦ ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। କଳାପରିଷଦ ସଭାପତି ଦିଲ୍ଲୀଶ୍ୱର ମହାରଣା ସଭାପତିତ୍ୱ କରିଥିଲେ। ସମ୍ପାଦକ ଜୟନ୍ତ ବର୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶତ୍ରୁଘ୍ନ ମାଟି, ଇନ୍ଦ୍ରମଣି ବେହେରା, ବିନୋଦ ମହାନ୍ତି, ଅମ୍ବିକା ପ୍ରସାଦ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ନାଟ୍ୟକାର ନିତ୍ୟାନନ୍ଦ ଦାସଙ୍କୁ ଏମ୍‌ପି ମହେଶ ସାହୁ କଳାପରିଷଦ ସମ୍ମାନରେ ସମ୍ବର୍ଦ୍ଧିତ କରୁଛନ୍ତି।

### ଶୀତକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨୯।୧୨

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜିଲାସ୍ତରୀୟ ତିନିଦିନିଆ ଶୀତକାଳୀନ ଅଚାର୍ଯ୍ୟା ଓ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଗୋଳ ଶୁଶୁଡ଼ା ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବସନ୍ତ କୁମାରୀ ନନ୍ଦ ଓ ମୁଖ୍ୟବକ୍ତା ଭାବେ ରାଜକିଶୋର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ ସଭାକାର୍ଯ୍ୟ ତୁଲାଇଥିଲେ। ଇଂଲିଶ ପ୍ରଶିକ୍ଷକ ରମାକାନ୍ତ ମିଶ୍ର ଯୋଗଦାନ କରିଥିଲେ। ଏଥିରେ ଅନୁଗୋଳ ଜିଲାର ୬ଟି ଶିଶୁ ବିଦ୍ୟାମନ୍ଦିରର ପ୍ରାୟ ୮୦ରୁ ୧୦୦ ଜଣ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଯୋଗଦେଇଥିଲେ। ଆଚାର୍ଯ୍ୟ ସଚିନ କୁମାର ସାହୁ ପ୍ରଶିକ୍ଷଣ ବର୍ଗକୁ ପରିଚାଳନା କରିଥିଲେ।

### ଡମ୍ଫର ତଳେ ଚାପିହୋଇ ହେଲପରଙ୍କ ମୃତ୍ୟୁ

ଯୋଡ଼ା, ୨୯।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା କାଳିଆପାହାଡ ଛକ ନିକଟରେ ଏକ ଡମ୍ଫର ଭାରସାମ୍ୟ ହରାଇ ଓଲଟି ପଡିବାରୁ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତ ହେଲପର ହେଲେ ଫୁଲଝର ଗ୍ରାମର ରଞ୍ଜିତ ପ୍ରଧାନ(୧୯)। ଡମ୍ଫରଟି ଅଁରାସ୍ଥିତ ଶ୍ରୀମେଟାଲିକସ୍ କାରଖାନାରୁ ପିଲେଟ ପରିବହନ କରି ପର୍ଜନପୁର ଅଭିମୁଖେ ଯାଉଥିବା ବେଳେ ଓଲଟିପଡିଥିଲା।

### ଶେଷହେଲା ସପ୍ତଶଯ୍ୟା ଉତ୍ସବ

# ଦକ୍ଷତା ବୃଦ୍ଧି, ବଜାର ସୃଷ୍ଟି କାରିଗରଙ୍କୁ ପ୍ରସିଦ୍ଧି ଦେବ

ଢେଙ୍କାନାଳ ଅଫିସ,୨୯।୧୨



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଜିଲା ସଦର ବ୍ଲକର ପର୍ଯ୍ୟଟନ କ୍ଷେତ୍ର ସପ୍ତଶଯ୍ୟା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଥମ ସପ୍ତଶଯ୍ୟା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତଶଯ୍ୟା ଫାଉଣ୍ଡେଶନ ପକ୍ଷରୁ ୩ଦିନ ଧରି ଆୟୋଜିତ ଏହି ଉତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କହିଲେ ଯେ, କାରିଗରମାନଙ୍କ ଦକ୍ଷତାବୃଦ୍ଧି କରାଯିବା ସହିତ ସେମାନଙ୍କ ଦ୍ୱାରା ନିର୍ମିତ ହେଉଥିବା ହସ୍ତଶିଳ୍ପ ପାଇଁ ବଜାର ସୁଯୋଗ ସୃଷ୍ଟି କରାଗଲେ ଏହା ବିଶ୍ୱପ୍ରସିଦ୍ଧ ହୋଇପାରିବ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ ଯୋଗଦେଇ ଜିଲାରେ ହସ୍ତଶିଳ୍ପର ବିକାଶ ହେଲେ କାରିଗରଙ୍କ ସହିତ କଳା ସଂସ୍କୃତି ଓ ପର୍ଯ୍ୟଟନର ମଧ୍ୟ ବିକାଶ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସପ୍ତଶଯ୍ୟା ପଞ୍ଚାୟତ ସରପଞ୍ଚ ଯେସସ ସାହୁ କହିଲେ ଯେ, ଏଠାକାର କାରିଗରମାନେ ତାଲିମପ୍ରାପ୍ତ ହୋଇ ଅଧିକ ଦକ୍ଷତା ହାସଲ କଲେ ସେମାନଙ୍କ ହସ୍ତଶିଳ୍ପ ସହିତ ସପ୍ତଶଯ୍ୟା ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ। ବିଶିଷ୍ଟ ଡିଜାଇନର ସାଇରା ୟୁନୁସ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ସିଦ୍ଧାନ୍ତ ମହାନ୍ତି ନିଜ ଅଭିକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ସପ୍ତଶଯ୍ୟା ଫାଉଣ୍ଡେଶନ ମୁଖ୍ୟ ଗାୟତ୍ରୀ ରଥ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ପ୍ରବୀଣ କୁମାର ପରିଚାଳନା କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଡୋକ୍ରା ହସ୍ତଶିଳ୍ପ, କଂସାବାସନ, ଆଦିବାସୀ ଅଳଙ୍କାର ଆଦି ହସ୍ତଶିଳ୍ପ ପ୍ରଦର୍ଶିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଖଙ୍କିରା କପ୍: ଫାଇନାଲରେ ଧବଳଗିରି

ଢେଙ୍କାନାଳ ଅଫିସ,୨୯।୧୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରାସ୍ଥିତ ମାରୁତି ସ୍ପୋର୍ଟ ଆସୋସିଏଶନ ପକ୍ଷରୁ ଆୟୋଜିତ କେ.ସି. ଧୀର ମେମୋରିଆଲ ଖଙ୍କିରା କପ୍ କ୍ରିକେଟ ପ୍ରତିଯୋଗିତାର ରବିବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଧବଳଗିରି ୯ ଉଇକେଟରେ ବଡଚଣାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବଡଚଣା ଦଳ ପ୍ରଥମେ ବ୍ୟାଟିଂ କରି ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଧବଳଗିରି ଦଳ ୧୫୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟୁନା ଖଟୁଆ ୧୧୨ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତାପସ ବାରିକ ଓ ଅଶୋକ ବେହେରା ଖେଳ ପରିଚାଳନା କରିଥିଲେ। ରୁଦ୍ର ନାରାୟଣ ଦାସ ଓ ସୁନୀଲ ଦାସ ସ୍କୋରର ରହିଥିଲେ। ପ୍ରସନ୍ନ ପତି ଓ ତୋଫାନ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ସୁରପ୍ରତାପ କ୍ଲବ ଢେଙ୍କାନାଳ ଓ ବାଲିବୋ ଭୁବନ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ଏକତା, ଅଖଣ୍ଡତା ରକ୍ଷା ଲାଗି ପରାମର୍ଶ

ଢେଙ୍କାନାଳ ଅଫିସ,୨୯।୧୨

#### କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ

ଢେଙ୍କାନାଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ଓ ଗାନ୍ଧୀମନ୍ଦିରଠାରେ ଶନିବାର ଜାତୀୟ କଂଗ୍ରେସର ୧୩୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନେତା ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ କଂଗ୍ରେସ ନେତା ପ୍ରେମଶଙ୍କର ମିଶ୍ର ଦଳର ଆଦର୍ଶ, ଲକ୍ଷ୍ୟ ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଉପସଭାପତି ସୁନୀଲ ଦାଶ ଯୋଗଦେଇ ଦେଶର ଏକତା, ଅଖଣ୍ଡତା ଓ ସମ୍ବିଧାନ ରକ୍ଷା ଲାଗି କଂଗ୍ରେସ କର୍ମୀ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ନାରୀନେତ୍ରୀ ଶିଳ୍ପୀଶ୍ରୀ ହରିଚନ୍ଦନ କଂଗ୍ରେସର ନୀତି ଓ ଆଦର୍ଶକୁ ଘରେ ଘରେ ପହଞ୍ଚାଇବା ଲାଗି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଃଶାସନ ଦଳେଇ, ରୁଦ୍ର ପ୍ରକାଶ ଶରଣ, ପ୍ରକାଶ କୁଅଁର, ବାବୁ ଖାଁ, ମହମ୍ମଦ ସମୀର, ପ୍ରଦୀପ ପଟ୍ଟନାୟକ, ବିକ୍ରମ ସ୍ୱାଇଁ ଓ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ହାଇଦର ମହମ୍ମଦ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

# ସମାଜର ମଙ୍ଗଳ ପାଇଁ ଏକାଠି ହେବାକୁ ଆହ୍ୱାନ



ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଏବଂ ଓଡ଼ିଶା ଆଇନଜୀବୀ ସଂଘର କର୍ମକର୍ତ୍ତାମାନେ।

ବନ୍ତଲା,୨୯।୧୨(ଡି.ଏନ.ଏ.)

ଅନୁଗୋଳ ବାର୍ ଆସୋସିଏଶନ ନେତୃତ୍ୱରେ ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଗୋଳ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆଇନଜୀବୀ ସଂଘ ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ଉପଦେଷ୍ଟା ବିଭୁ ପ୍ରସାଦ ଦ୍ୱିବେଦୀ ଆଡଭୋକେଟ ପ୍ରୋଟେକ୍ସନ ଆକ୍ଟ ସହ ଓକିଲମାନଙ୍କ ପାଇଁ ଜୀବନବୀମା ଓ ହେଲଥ୍‌କାର୍ଡ ଆଦି ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଓକିଲମାନଙ୍କୁ ସମସ୍ତଙ୍କ ବନ୍ଧୁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ନୂଆ କରି ଯେଉଁମାନେ ଓକିଲ ହୋଇ ଯୋଗଦାନ କରୁଛନ୍ତି ସେମାନଙ୍କୁ ବରିଷ୍ଠ ଓକିଲମାନେ ଗାଇଡ୍ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢିଛି। ଏଠାରେ ବହୁ ଶିଳ୍ପ ଓ ଖଣି ଖାଦାନ ଥିଲେ ବି ଜିଲାକୁ ନ୍ୟାୟ ମିଳୁନି। ଏଥିପାଇଁ ସମସ୍ତେ ମିଳିମିଶି କାମ କଲେ ସମାଜର ମଙ୍ଗଳ ହେବ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ଉପସଭାପତି ମିତ୍ରଭାନୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ଅତିଥିମାନେ 'ଦି ଲୟାର' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାର ବରିଷ୍ଠ ଓକିଲମାନେ ଯୋଗ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ଉପ ସଭାପତି ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ବାରିକ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ଜିଲା ବାର ଆସୋସିଏଶନର ସମସ୍ତ ଓକିଲ ସହଯୋଗ କରିଥିଲେ। ଅପରାହ୍ନରେ 'ସମ୍ବିଧାନର ଭବିଷ୍ୟତରେ ଓକିଲଙ୍କ ଭୂମିକା ଓ କର୍ତ୍ତବ୍ୟ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଆଇନଜୀବୀ ସଂଘ ଉପସଭାପତି ଭୂପେଶ ପ୍ରଧାନ, ତାଳଚେରର ବରିଷ୍ଠ ଓକିଲ ଦେବୀ ପ୍ରସାଦ ରଥ, ଅନୁଗୋଳ କୋର୍ଟର ବରିଷ୍ଠ ଓକିଲ ପରମାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ